## ସଂକ୍ଷେପରେ

### ଛୁଆ ହାତୀକୁ ପଲରେ ମିଶାଇବାକୁ ଉଦ୍ୟମ

**ଭାପୁର, ୧।୪(ଡି.ଏନ୍.ଏ.):** ବାଟବଣା ହୋଇ ଜନବସତିକୁ ଚାଲିଆସିଥିବା ଏକ ଛୁଆ ହାତୀକୁ ପଲରେ ମିଶାଇବା ପାଇଁ ଦୁଇଦିନ ହେଲା ଉଦ୍ୟମ ଜାରି ରଖିଛନ୍ତି ଢେଙ୍କାନାଳ ସଦର ରେଞ୍ଜ ବନ କର୍ମଚାରୀ। ତେବେ ଶୁକ୍ରବାର ରାତି ୧୦ଟା ସୁଦ୍ଧା ଏ ଦିଗରେ ସଫଳତା ମିଳିନାହିଁ। ହାତୀ ଶାବକ ଉପରେ ବନ କର୍ମଚାରୀ ତୀକ୍ଷ୍ଣ ନଜର ରଖିଛନ୍ତି। ରାତିରେ ପୁନର୍ବାର ଏହାକୁ ପଲରେ ମିଶାଇବାକୁ ଉଦ୍ୟମ କରାଯିବ ବୋଲି ବନପାଳ ଇନ୍ଦୁଭୂଷଣ ଭଞ୍ଜ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ସଦର ରେଞ୍ଜ୍ ଅଧୀନ ଭାପୁର ଗ୍ରାମ ଅଞ୍ଚଳକୁ ତିନିଦିନ ତଳେ ବାଟବଣା ହୋଇ ଏକ ହାତୀ ଛୁଆ ଚାଲିଆସିଛି। ଗୁରୁବାର ସନ୍ଧ୍ୟାରେ ବନ କର୍ମଚାରୀ ତା'କୁ ବେଲବଣିଆ ସଂରକ୍ଷିତ ଜଙ୍ଗଲ ପାଦଦେଶରେ ଥିବା କଇଁଆ ତଇଲା ବନ୍ଧ ନିକଟରେ ଛାଡ଼ିଥିଲେ। ଉକ୍ତ ଜଳାଶୟକୁ ହାତୀପଲ ପାଣି ପିଇବାକୁ ଆସୁଛନ୍ତି। ହାତୀପଲ ଛୁଆକୁ ସାଙ୍ଗରେ ନେଇଯିବେ ବୋଲି ସମ୍ଭାବନା ଥିଲା। ହେଲେ ଏହି ଯୋଜନା ସଫଳ ହୋଇ ନ ଥିବା ବନପାଳ ସୂଚନା ଦେଇଛନ୍ତି।

### ଆହାର କେନ୍ଦ୍ର ପ୍ରତିଷ୍ଠା ଦିବସ



**ହିନ୍ଦୋଳ, ୧।୪(ଡି.ଏନ୍.ଏ.):** ହିନ୍ଦୋଳ ଟାଉନ୍ ହଲ୍ ନିକଟରେ ୭ବର୍ଷ ତଳେ ଆରମ୍ଭ ହୋଇଥିବା ଆହାର କେନ୍ଦ୍ରର ୭ମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ବିଧାୟିକା ସୀମାରାଣୀ ନାୟକ, ଏନ୍ଏସି ଅଧ୍ୟକ୍ଷ ଟିମା ବେହେରା, କାଉନ୍ସିଲର ପ୍ରଦ୍ୟୁମ୍ନ ବେହେରା, ତପନ ପରିଡ଼ା, ରମେଶ ସାହୁ, ରଶ୍ମିତା ସାହୁ, ରୀତା ପଲେଇ, ପଳଉ ବେହେରାଙ୍କ ସମେତ ଏନ୍ଏସି କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ଆହାର କେନ୍ଦ୍ର ଦୈନିକ ବହୁ ଗରିବ ଲୋକଙ୍କୁ ମାତ୍ର ୫ଟଙ୍କା ମୂଲ୍ୟରେ ରନ୍ଧାଖାଦ୍ୟ ଯୋଗାଇ ଆସୁଛି। ରାଜ୍ୟ ସରକାର ଏଭଳି ଅଭିନବ କାର୍ଯ୍ୟକ୍ରମ ଆରମ୍ଭ କରିଥିବାରୁ ବିଧାୟିକା କୃତଜ୍ଞତା ଜ୍ଞାପନ କରିଥିଲେ।

### କେନାଲ ପଥରରେ ପିଟିହୋଇ ୨ ନାବାଳକ ଗୁରୁତର

**କାମାକ୍ଷାନଗର, ୧।୪(ଡି.ଏନ୍.ଏ.):** ରେଙ୍ଗାଳି କେନାଲ ଉପରୁ ପାଣିକୁ ଡେଇଁ ଗାଧୋଉଥିବାବେଳେ ପଥରରେ ପିଟି ହୋଇଯିବାରୁ ଦୁଇଜଣ ନାବାଳକ ଗୁରୁତର ହୋଇଛନ୍ତି। ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ହାଡ଼ଗରି ଗ୍ରାମରେ ଶୁକ୍ରବାର ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ଗୁରୁତର ନାବାଳକଙ୍କ ବୟସ ଯଥାକ୍ରମେ ୧୬ ଏବଂ ୧୨ ବର୍ଷ। ଉଭୟଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ଖରାଦିନେ କେନାଲରେ ଅସୁରକ୍ଷିତ ଭାବେ ଏଭଳି ଅନେକ ପିଲା ବିପଦପୂର୍ଣ୍ଣ ଅବସ୍ଥାରେ ଗାଧୋଉଛନ୍ତି। ସେମାନଙ୍କ ଜୀବନ ବିପଦରେ ସୃଷ୍ଟି ହେଉଛି। ଏ ଦିଗରେ ଅଭିଭାବକମାନେ ଦୃଷ୍ଟିଦେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

### ଇଂଲିଶ ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

**ଭୁବନ, ୧।୪(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ଭୁବନ ବ୍ଲକ ଭୂଷଳ ପଞ୍ଚାୟତ କିଙ୍ଗୋଳ ଅସୁରବନ୍ଧ ସତ୍ୟସାଇ ବିଦ୍ୟାବିହାର ଉଚ୍ଚ ବିଦ୍ୟାଳୟର ଇଂଲିଶ ଶିକ୍ଷକ ସନ୍ତୋଷ କୁମାର ମିଶ୍ର ଅବସରଗ୍ରହଣ କରିଛନ୍ତି। ତାଙ୍କୁ ଶୁକ୍ରବାର ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସେ ୧୯୯୦ରେ ଉକ୍ତ ବିଦ୍ୟାଳୟରୁ ଚାକିରି ଜୀବନ ଆରମ୍ଭ କରିଥିଲେ। ଜଣେ ଆଦର୍ଶ ଶିକ୍ଷକ ଭାବେ ସେ ବେଶ୍ ପରିଚିତ ଥିଲେ। ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ପ୍ରଧାନ ଶିକ୍ଷକ ପଙ୍କଜଲୋଚନ ଧଳ ସଭାପତିତ୍ୱ କରିଥିବାବେଳେ ସହକାରୀ ଶିକ୍ଷକ କାମାକ୍ଷା ସାହୁ, ସୁବ୍ରତ ମିଶ୍ର, ବିଦ୍ୟାଳୟ ସଭାପତି ଶ୍ରୀବତ୍ସ ଜେନା, ପୁରାତନ ଛାତ୍ର ପ୍ରତାପ ମିଶ୍ର, ସୁଶୀଳ ମିଶ୍ର, ସୁରଥ ପରିଡ଼ାଙ୍କ ସମେତ ସମସ୍ତ କର୍ମଚାରୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



# ଓଡ଼ିଶାର ସଂସ୍କୃତି ସ୍ୱତନ୍ତ୍ର




ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହରେ ଯୋଗଦେଇଥିବା ଜିଲା ପରିଷଦ ସଭାନେତ୍ରୀ, ବିଧାୟକଙ୍କ ସମେତ ଅନ୍ୟ ଅତିଥିବୃନ୍ଦ।

**ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ**

**ଢେଙ୍କାନାଳ ଅଫିସ, ୧।୪**

ଓଡ଼ିଶାର ସଂସ୍କୃତି, ରୁଚି ଏବଂ ପରମ୍ପରା ସ୍ୱତନ୍ତ୍ର। ଏଭଳି ଗୌରବମୟ ଇତିହାସକୁ ଅକ୍ଷୁଣ୍ଣ ରଖିବା ଲାଗି ମିଳିମିଶି ଉଦ୍ୟମ କରିବା ଜରୁରୀ। ଓଡ଼ିଶା ଦିବସ ଭଳି ଦିନରେ ଏଥିଲାଗି ସମସ୍ତେ ସଂକଳ୍ପବଦ୍ଧ ହେବା ଉଚିତ ବୋଲି ଆହ୍ୱାନ ଦେଇଛନ୍ତି ଢେଙ୍କାନାଳ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ। ଜିଲା ସଂସ୍କୃତି ପରିଷଦ ପକ୍ଷରୁ ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ଓଡ଼ିଶା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ନିଜ ଅଭିଭାଷଣରେ ଏହା କହିଥିଲେ।

ଅନ୍ୟତମ ଅତିଥି ବିଧାୟକ ସୁଧୀର ସାମଲ କହିଲେ, ଓଡ଼ିଆ କହିବା ଏବଂ ଓଡ଼ିଶାକୁ ଭଲ ପାଇଲେ ଆମ ରାଜ୍ୟ ସବୁକ୍ଷେତ୍ରରେ ସମୃଦ୍ଧ ହେବ। ଏଥି ପାଇଁ ଓଡ଼ିଶା ଦିବସରେ ସମସ୍ତେ ଶପଥ ନେବା ଉଚିତ। ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ଅବସରପ୍ରାପ୍ତ ପରାମର୍ଶଦାତା ଭବାନୀ ଶଙ୍କର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ, ଓଡ଼ିଶାର ଐତିହ୍ୟ ବିଭବ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଏସ୍‌ପି ଏଲ୍. ଦିବ୍ୟା ଭି., ଡିଏଫ୍ଓ ଡା. ପ୍ରକାଶଚାନ୍ଦ ଗୋଗିନେନି, ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାସ ପ୍ରମୁଖ ଓଡ଼ିଆ ଭାବେ ଗର୍ବ କରିବାକୁ ଆହ୍ୱାନ ଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାରଦା ପ୍ରସାଦ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ ସଂସ୍କୃତି ଅଧିକାରୀ ପ୍ରିୟମ୍ବଦା ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ରାଜ୍ୟ କଳା ସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହାପରେ ବିଭିନ୍ନ ବ୍ଲକରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରାରମ୍ଭରେ ଉତ୍କଳର ବରପୁତ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଏଥିପୂର୍ବରୁ ପ୍ରାତଃ ସମୟରେ ଡାକବାଜିଯନ୍ତ୍ର ସହାୟତାରେ ସହରରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ, ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତ ଫେରି, ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଅପରାହ୍ନ ସାଢ଼େ ୪ଟାରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଜିଲା ସଂସ୍କୃତି ପରିଷଦର ମିଳିତ ସହଯୋଗରେ ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ 'ବନ୍ଦେ ଉତ୍କଳ ଜନନୀ' ଅନୁଷ୍ଠିତ ହୋଇଥିଲା।



କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

## ପୁରସ୍କୃତ ହେଲେ କୃତୀ ପ୍ରତିଭା

ଓଡ଼ିଶା ଦିବସ ଉପଲକ୍ଷେ ଜିଲାର କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଛି। ୨୦୨୧ରେ ମାଟ୍ରିକ୍ ପରୀକ୍ଷାରେ ଶ୍ରେଷ୍ଠ ସ୍ଥାନ ହାସଲ କରିଥିବା ଭୋଳେଶ୍ୱର ହାଇସ୍କୁଲର ଆକାଶ କୁମାର ପଣ୍ଡା, ଶିକ୍ଷକ ସୌମେନ୍ଦ୍ର ପତି, ଆଶାକର୍ମୀ ପ୍ରେମଲତା ସାହୁ, ସ୍ୱାସ୍ଥ୍ୟକର୍ମୀ ସ୍ୱର୍ଣ୍ଣଲତା ସାହୁ, ପୌର କର୍ମଚାରୀ ସରୋଜ ରାଉତ, ଷ୍ଟାଫ୍‌ନର୍ସ ପ୍ରଣତି ପ୍ରଧାନ, ପୌରଯନ୍ତ୍ରୀ ରଶ୍ମିତା ମିଶ୍ର, ଏସ୍ଆଇ ବବିତା ଦେହୁରୀ, ସଦର ଥାନାଧିକାରୀ ଅଭିନବ ଡାଲୁଆ, ଓଡ଼ାପଡ଼ା ମେଡିକାଲ ଅଫିସର ଡା. ଅନନ୍ତ କୁମାର ରାଉଳ, ବାଲୁକାଶିଳ୍ପୀ ସଞ୍ଜୟ ଦେହୁରୀଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଓଡ଼ିଶା ଦିବସ ଉପଲକ୍ଷେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଏବଂ ପ୍ରତିଭାବାନ କ୍ରୀଡ଼ାବିତ୍ ମଧ୍ୟ ସମ୍ବର୍ଦ୍ଧିତ ହୋଇଥିଲେ।

## ସହଯୋଗ ମିଳିଲେ ଢେଙ୍କାନାଳ ଜିଲା ୧ନଂ. ହେବ

ଢେଙ୍କାନାଳ ଜିଲାରେ ବିକାଶମୂଳକ କାର୍ଯ୍ୟ ଜାରି ରହିଛି। ବିଭିନ୍ନ ପ୍ରବେଶ ପଥରେ ୪ଟି ତୋରଣ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୧୨ ପଞ୍ଚାୟତରେ ରୁରାଲ ପାର୍କ ଏବଂ ଆଦର୍ଶ ପୋଖରୀ ଖନନ କରାଯାଉଛି। ଜିଲାର ପର୍ଯ୍ୟଟନର ବିକାଶ ଲାଗି ରାଜ୍ୟ ସରକାର ୫୦ କୋଟି ଟଙ୍କା ଘୋଷଣା କରିଛନ୍ତି। ପର୍ଯ୍ୟଟନ ଓ ହସ୍ତଶିଳ୍ପକୁ ପ୍ରୋତ୍ସାହିତ କରିବା ଲାଗି ସପ୍ତଶଯ୍ୟାରେ 'ଢେଙ୍କାନାଳ ମହୋତ୍ସବ' ଅନୁଷ୍ଠିତ ହେବ। ଜିଲାବାସୀଙ୍କ ସହଯୋଗ ମିଳିଲେ ଢେଙ୍କାନାଳ ରାଜ୍ୟରେ ୧ନଂ. ଜିଲାରେ ପରିଣତ ହେବ ବୋଲି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଜିଲାପାଳ ସରୋଜ କୁମାର ସେଠୀ ସୂଚନା ଦେଇଛନ୍ତି।

## ମନେପଡ଼ିଲେ ମହାମନୀଷୀ




ନୂଆ ଭୁବନ ନୋଡାଲ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରା।

**ଭୁବନ/ପରଜଙ୍ଗ, ୧।୪(ଡି.ଏନ୍.ଏ.)**

ଭୁବନ ଏନ୍ଏସିର ବିଭିନ୍ନ ସ୍ଥାନରେ ଶୁକ୍ରବାର ଆଡମ୍ବର ସହକାରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମହାମନୀଷୀଙ୍କ ସ୍ମୃତିଚାରଣ କରିଥିଲେ। ନୂଆଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଶିକ୍ଷାନୁଷ୍ଠାନରେ ନୃତ୍ୟସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଖଗେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ଶିକ୍ଷକ ନୃସିଂହ ସାହୁ, ପ୍ରମୋଦ ମିଶ୍ର, ଶିକ୍ଷୟିତ୍ରୀ ସ୍ୱାତୀ ନାୟକ, ରେଣୁବାଳା ସାହୁ ଯୋଗଦେଇ ଓଡ଼ିଶା ଦିବସ ପାଳନ ଉଦ୍ଦେଶ୍ୟର ଅବତାରଣା କରିଥିଲେ। ଶିକ୍ଷକ ସନ୍ତୋଷ ସାଥୁଆମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ପରଜଙ୍ଗ ବ୍ଲକ ସରାଙ୍ଗ ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷା ଡ. ପ୍ରତିମା ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ବିଦ୍ୟାର୍ଥୀମାନେ ବନ୍ଦେ ଉତ୍କଳ ଜନନୀ, ମୋ ଓଡ଼ିଶା ସଙ୍ଗୀତ ଗାନ କରିଥିଲେ। ଓଡ଼ିଆ ଶିକ୍ଷକ ଡ. ପ୍ରଶାନ୍ତ କୁମାର ବିଶ୍ୱାଳ ମଞ୍ଚ ସଞ୍ଚାଳନ ଏବଂ କୌଶିକ ମୁଖାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ।

**ମରଣାନ୍ତକ ଆକ୍ରମଣ ମାମଲା**

## ଧରାପଡ଼ିଲେନି ଅଭିଯୁକ୍ତ

**ଢେଙ୍କାନାଳ ଅଫିସ, ୧।୪**

ଢେଙ୍କାନାଳ ସଦର ଥାନା ଅଧୀନ ସିଆରିଆ ଗ୍ରାମର ମହିଳା ଉଦ୍ୟୋଗୀ ଯାଜ୍ଞସେନୀ ଜେନା, ତାଙ୍କ ସ୍ୱାମୀ ଅକ୍ଷୟ କୁମାର ଦାସଚୌଧୁରୀ ଏବଂ ପୁଅ ତଥା ଭାରତୀୟ ସେନାବାହିନୀର କ୍ୟାପଟେନ୍ ଆକାଶଙ୍କ ଉପରେ ୮ଦିନ ତଳେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ଅଭିଯୁକ୍ତମାନେ ଅଦ୍ୟାବଧି ଧରାପଡ଼ିନାହାନ୍ତି। ଓଲଟି ଯାଜ୍ଞସେନୀ ଓ ତାଙ୍କ ସ୍ୱାମୀଙ୍କ ନାମରେ ଏସ୍‌ସିଏସ୍‌ଟି ଆକ୍ଟରେ ମିଥ୍ୟା ମାମଲା ରୁଜୁ କରାଯାଇଛି। ତହସିଲଦାରଙ୍କ ଉପସ୍ଥିତିରେ ତାଙ୍କ ଜମିକୁ ଯିବା ପାଇଁ ୨୦ଫୁଟର ଗ୍ରାମ୍ୟ ରାସ୍ତା ଚିହ୍ନଟ ହୋଇଛି। ତେବେ ଅଭିଯୁକ୍ତମାନେ ଜମିକୁ ହଡ଼ପ କରିବାକୁ ଚେଷ୍ଟା କରୁଛନ୍ତି। ଏହି ଘଟଣାରେ ଜଣେ ଶିକ୍ଷକ ଏବଂ ଅନ୍ୟଜଣେ ପୋଲିସ କର୍ମଚାରୀଙ୍କ ହାତ ଥିବା ଯାଜ୍ଞସେନୀ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଆକାଶ ଜିଲାପାଳ ଓ ଏସ୍‌ପିଙ୍କୁ ନିବେଦନ କରିଛନ୍ତି।

## ଓଡ଼ିଆ ଭାଷାର ପ୍ରସାରକୁ ଗୁରୁତ୍ୱ






କାମାକ୍ଷାନଗରରେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି (ବାମ)। ହିନ୍ଦୋଳରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ।

**କାମାକ୍ଷାନଗର/ହିନ୍ଦୋଳ, ୧।୪(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗରରେ ଶୁକ୍ରବାର ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଡିଓ ବିକାଶ କୁମାର ମହାନ୍ତି ଯୋଗଦେଇ ଓଡ଼ିଆ ଭାଷାର ପ୍ରଚାରପ୍ରସାର ଉପରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ଜିଲାପାଳ ମଦନମୋହନ ଜେନା, ଶାଶ୍ୱତ ଦାସ, ସୁଶ୍ରୀ ଲୋପାମୁଦ୍ରା ରଥ, ଏସ୍‌ଡିପିଓ ରଞ୍ଜନ କୁମାର ଦେ ଉପସ୍ଥିତ ରହି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ, ଏଥିରେ ଯୋଗଜନ୍ମାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିପୂର୍ବରୁ ମହାତ୍ମା ଗାନ୍ଧୀ, ସାରଙ୍ଗଧର ଦାସ, ବିଜୁ ପଟ୍ଟନାୟକ, ଗୋପବନ୍ଧୁ ଦାସ, କୃଷ୍ଣଚନ୍ଦ୍ର ଗଜପତି, ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ପ୍ରତିଯୋଗୀ ପୁରସ୍କୃତ ହୋଇଥିଲେ। ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୈଳାସ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ।

ସେହିପରି ହିନ୍ଦୋଳ କଚେରି ପଡ଼ିଆରେ ଆୟୋଜିତ ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଉଦୟ ମହାପାତ୍ର, ମୁଖ୍ୟବକ୍ତା ହେମନ୍ତ ପାଣିଗ୍ରାହୀ, ସମ୍ମାନିତ ଅତିଥି ତହସିଲଦାର ସୁଶାନ୍ତ ମିଶ୍ର, ଉପଖଣ୍ଡ ଚିକିତ୍ସାଧିକାରୀ ସୁଧାଂଶୁ ମିଶ୍ର, ଏସ୍‌ଡିପିଓ ମଳୟ ନାୟକ, ଏନ୍ଏସି ଅଧ୍ୟକ୍ଷ ଟିମା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଅତିଥିମାନେ ମହାପୁରୁଷଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ସହକାରୀ ଜିଲାପାଳ ଗଜାନନ ପ୍ରଧାନ, ପ୍ରାଧ୍ୟାପକ ପ୍ରଭାକର ଦ୍ୱିବେଦୀ, ଜ୍ୟୋତିଶ୍ରୀ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସକାଳେ ଛାତ୍ରୀଛାତ୍ରଙ୍କୁ ନେଇ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା।

## ଟାଟାଷ୍ଟିଲ୍ ପକ୍ଷରୁ ଓଡ଼ିଶା ଦିବସ

**ଢେଙ୍କାନାଳ ଅଫିସ, ୧।୪**

ଢେଙ୍କାନାଳ ଜିଲା ମେରାମଣ୍ଡଳୀସ୍ଥିତ ଟାଟାଷ୍ଟିଲ୍ ପକ୍ଷରୁ ଶୁକ୍ରବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସିଏସ୍ଆର୍ ବିଭାଗ ପକ୍ଷରୁ ଆୟୋଜିତ 'ଓଡ଼ିଶାର ଇତିହାସ, କଳା ଓ ସଂସ୍କୃତି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ କମ୍ପାନୀ ନିକଟବର୍ତ୍ତୀ ୬ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ବିକାଶ ନାୟକ, ରସାନନ୍ଦ ଭୂତିଆ, ପୂର୍ବତନ ସରପଞ୍ଚ ସଚ୍ଚିଦାନନ୍ଦ ବେହେରା ବିଚାରକ ଭାବେ ମୂଲ୍ୟାୟନ କରିଥିଲେ। ଚୂଡ଼ାନ୍ତ ପର୍ଯ୍ୟାୟକୁ ମନୋନୀତ ହୋଇଥିବା ୩୬ ଛାତ୍ରୀଛାତ୍ରଙ୍କୁ ମଙ୍ଗଳପୁର ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ସମାରୋହରେ ପୁରସ୍କୃତ କରାଯାଇଥିଲା। ସିଏସ୍ଆଇ ବିଭାଗ ଏବଂ ଏନ୍‌ଜିଓ ସହଯୋଗୀ ଆସପେୟାର ଇଣ୍ଡିଆ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।




## ଦାୟିତ୍ୱ ନେଲେ ପଞ୍ଚାୟତ ସମିତି ଅଧ୍ୟକ୍ଷା

**ହିନ୍ଦୋଳ, ୧।୪(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ହିନ୍ଦୋଳ ପଞ୍ଚାୟତ ସମିତିର ନବନିର୍ବାଚିତା ଅଧ୍ୟକ୍ଷା ସସ୍ମିତା ନାୟକ ଏବଂ ଉପାଧ୍ୟକ୍ଷ ବରୁଣ ସର ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଧାୟିକା ସୀମାରାଣୀ ନାୟକ ଦଳୀୟ ସମର୍ଥକ ଏବଂ ବିଜେଡି କର୍ମକର୍ତ୍ତାଙ୍କ ଗହଣରେ ଏକ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ।

ଏହାପରେ ସମ୍ବର୍ଦ୍ଧନା ସଭା ଏବଂ ଓଡ଼ିଶା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଡିଓ କ୍ଷୀରାବ୍ଧି ତନୟା ସାହୁ, ଜିଲା ପରିଷଦ ସଭ୍ୟା ମାମାଲି ସାହୁ, ସୁମନ୍ତ ଦେହୁରୀ, ଉର୍ମିଳା ବେହେରା, ମମତାଞ୍ଜଳି ବେହେରା, ଏନ୍ଏସି ଅଧ୍ୟକ୍ଷା ଟିମା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ବିଧାୟିକା, ପଞ୍ଚାୟତ ସମିତ ଅଧ୍ୟକ୍ଷା, ଉପାଧ୍ୟକ୍ଷଙ୍କ ସମେତ ଅନ୍ୟମାନେ।

## ଶୃଙ୍ଖଳା ରକ୍ଷାରେ ପୋଲିସ ଭୂମିକା ଅନନ୍ୟ



ଜଣେ ପୋଲିସ କର୍ମଚାରୀଙ୍କୁ ଏସ୍‌ପି ସମ୍ମାନିତ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୧।୪**

ଢେଙ୍କାନାଳ ରିଜର୍ଭ ପୋଲିସ ଲାଇନ ପଡ଼ିଆରେ ଶୁକ୍ରବାର ପୂର୍ବାହ୍ନ ୮ଟାରେ ୮୭ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସ୍‌ପି ଏଲ୍. ଦିବ୍ୟା ଭି. ଯୋଗଦେଇ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ଏହି ଅବସରରେ ସେ କହିଲେ, କରୋନା ମହାମାରୀ, ପଞ୍ଚାୟତ ଓ ପୌର ନିର୍ବାଚନ ସୁପରିଚାଳନା, ଶାନ୍ତିଶୃଙ୍ଖଳା ରକ୍ଷା କ୍ଷେତ୍ରରେ ପୋଲିସ ବାହିନୀର ଭୂମିକା ଅତୁଳନୀୟ। ସମ୍ମାନିତ ଅତିଥି ଅତିରିକ୍ତ ଏସ୍‌ପି ଶିଶୁରଞ୍ଜନ ମହାପାତ୍ର କହିଲେ, ଦାୟିତ୍ୱବାନ ହୋଇ କର୍ତ୍ତବ୍ୟ ସମ୍ପାଦନ କଲେ ଆରକ୍ଷୀ ବାହିନୀ ଜନତାଙ୍କ ବିଶ୍ୱାସଭାଜନ ହୋଇପାରିବ। ରିଜର୍ଭ ଇନ୍ସପେକ୍ଟର କବି ରଞ୍ଜନ ସେଠୀଙ୍କ ନେତୃତ୍ୱରେ ପରେଡ୍ ପ୍ରଦର୍ଶିତ ହୋଇଥିଲା। ହିନ୍ଦୋଳ ଥାନାର ଅନାଦି ଚରଣ ପଟ୍ଟନାୟକଙ୍କୁ ଶ୍ରେଷ୍ଠ ଏସ୍ଆଇ ଭାବେ ସମ୍ମାନିତ କରାଯାଇଥିଲା। ସେହିପରି ରାସୋଳ ଥାନାର କାଳିନ୍ଦୀ ରାଉତଙ୍କୁ ଶ୍ରେଷ୍ଠ ଏଏସ୍ଆଇ, ପ୍ରଫୁଲ୍ଲ କୁମାର ସାହୁ, ସମରେନ୍ଦ୍ର ବିଶ୍ୱାଳ ଶ୍ରେଷ୍ଠ ଏପିଆର କନଷ୍ଟେବଳ, ନିର୍ମଳ ଚନ୍ଦ୍ର ଖିଲାର ଶ୍ରେଷ୍ଠ ଓଆର୍ କନଷ୍ଟେବଳ, ଅରୁଣ କୁମାର ସାହୁ ଶ୍ରେଷ୍ଠ ଟ୍ରାଫିକ୍ କନ୍‌ଷ୍ଟେବଳ ଭାବେ ପୁରସ୍କୃତ ହୋଇଥିଲେ। ଅତିରିକ୍ତ ଏସ୍‌ପି ପୁରୁଷୋତ୍ତମ ସେଠୀ, ଗୋଇନ୍ଦା ଡିଏସ୍‌ପି ଅରୁଣ ସାହୁ, ନୀଳିମା ପଣ୍ଡା, ଦେବଦତ୍ତ କର ପ୍ରମୁଖ ଉପସ୍ଥିତ ଥିଲେ।

# ତାଲିକାରୁ କାଟିଦେଲେ ବୃଦ୍ଧଙ୍କ ନାଁ

- ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଚଞ୍ଚକତା
- ଭଙ୍ଗା ଘରେ ରହୁଛନ୍ତି ଗିରିଆଙ୍କ ପରିବାର
- ନ୍ୟାୟ ପ୍ରଦାନ ପାଇଁ ବିଡିଓଙ୍କୁ ନିବେଦନ

**କାମାକ୍ଷାନଗର, ୧।୪(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଦଶିପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଯୋଜନାରେ ତାଲିକାଭୁକ୍ତ ହିତାଧିକାରୀଙ୍କୁ ବାଦ୍‌ଦେଇ ଚଞ୍ଚକତା କରି ଅନ୍ୟଜଣଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏ ନେଇ ୮୦ ବର୍ଷୀୟ ବୃଦ୍ଧ ଗିରିଆ ନାଏକ ବିଡିଓଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି। ଏଥିସହ ଏଭଳି ବେଆଇନ କାର୍ଯ୍ୟ ସମ୍ପର୍କରେ ଜିଲାପାଳ, ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିଛନ୍ତି।

ଗିରିଆଙ୍କ କହିବା କଥା, ୨୦୧୮-୧୯ବର୍ଷରେ ଆଇଡି ନଂ. ଓଆର୍-୩୩୬୮୭୭ ଅନୁଯାୟୀ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିଥିଲା। ସେହି ସମୟରେ ଦାୟିତ୍ୱରେ ଥିବା ଅଧିକାରୀ ତାଙ୍କ ନାମକୁ କୌଶଳକ୍ରମେ କାଟି ଗ୍ରାମର ଅନ୍ୟଜଣଙ୍କୁ ୨ କିସ୍ତିରେ ଯଥାକ୍ରମେ ୨୦ ହଜାର ଏବଂ ୫୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଫଳରେ ଯୋଗ୍ୟତା ଥିବା ସତ୍ତ୍ୱେ ସେ ବାସଗୃହ ପାଇବାରୁ ବଞ୍ଚିତ ହୋଇଥିବା କହିଛନ୍ତି। ଗିରିଆ ହେଉଛନ୍ତି ଅନୁସୂଚିତ ଜାତିବର୍ଗର। ବୟସର ସାୟାହ୍ନରେ ଘର ନିର୍ମାଣ କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ। ତେଣୁ ସେ ପରିବାର ଲୋକଙ୍କୁ ନେଇ ଝାଟିମାଟି ଘରେ ମୁଣ୍ଡ ଗୁଞ୍ଜିଛନ୍ତି। ସାମାନ୍ୟ ବର୍ଷା ହେଲେ ତାଙ୍କୁ ପରଦୁଆରେ ଆଶ୍ରୟ ନେବାକୁ ପଡୁଛି। ଦୀର୍ଘ ୪ବର୍ଷ ହେଲା ସେ ବାରମ୍ବାର ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇ ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଅଧିକାରୀଙ୍କ ଚଞ୍ଚକତା ପାଇଁ ଜଣେ ଯୋଗ୍ୟ ହିତାଧିକାରୀ ହକ୍‌ରୁ ବଞ୍ଚିତ ହେଉଥିବାବେଳେ ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଗିରିଆ ଏବଂ ତାଙ୍କ ପରିବାର ସଦସ୍ୟ।

ଏ ନେଇ ବିଡିଓ ବୁଲ୍‌ବୁଲ୍ ବେହେରା କୁହନ୍ତି, ସେ ନୂତନ ଭାବେ ବ୍ଲକର ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କ ଯୋଗଦାନ ପୂର୍ବରୁ ଏହି ଘଟଣା ଘଟିଛି। ସମ୍ପୃକ୍ତ ବ୍ୟକ୍ତିଙ୍କୁ ଟଙ୍କା ଫେରାଇବା ପାଇଁ ନୋଟିସ୍ କରାଯାଇଛି। ତଦନ୍ତ ପରେ ପ୍ରକୃତ ରହସ୍ୟ ଉନ୍ମୋଚନ ହେବ ବୋଲି ସେ କହିଛନ୍ତି।



ଅଭିଯୋଗକାରୀ ଗିରିଆ ଏବଂ ତାଙ୍କ ସ୍ତ୍ରୀ।

## ସଂକ୍ଷେପରେ

### ଦାୟିତ୍ୱ ନେଲେ କଲେଜ ଅଧକ୍ଷ



ବନ୍ତଳା,୧।୪(ଡି.ଏନ.ଏ.)- ଅନୁଗୋଳ ବ୍ଲକ ବନ୍ତଳା ଡିଗ୍ରୀ କଲେଜର ନୂତନ ଅଧକ୍ଷ ଭାବେ ଗଣିତ ବିଭାଗ ଅଧାପକ ପଦ୍ମଚରଣ ସାହୁ ଗୁରୁବାର ଦାୟିତ୍ୱଗ୍ରହଣ କରିଛନ୍ତି। ଭାରପ୍ରାପ୍ତ ଅଧକ୍ଷ ରସାନନ୍ଦ ମହାପାତ୍ର ଅବସର ଗ୍ରହଣ କରିବା ପରେ ସାହୁଙ୍କୁ ନୂଆ ଅଧକ୍ଷ ଭାବେ ଯୋଗଦେବାକୁ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଚିଠି ମାଧମରେ ନିର୍ଦ୍ଦେଶ ଦିଆଯାଇଥିଲା। କଲେଜର ସର୍ବାଙ୍ଗୀନ ଉନ୍ନତି ଦିଗରେ ପଦକ୍ଷେପ ନେବେ ବୋଲି ନୂଆ ଅଧକ୍ଷ ସାହୁ ପ୍ରକାଶ କରିଛନ୍ତି।

### ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ଆକ୍ରମଣ

ବଇଣ୍ଡା,୧।୪(ଡି.ଏନ.ଏ.): ଠାକୁରଗଡ଼ ଥାନା ସାନହୁଲା ଗ୍ରାମଠାରେ ଥିବା ପେଟ୍ରୋଲ ପମ୍ପର କର୍ମଚାରୀ ହଣ୍ଡପା ଥାନା ବଡହୁଲା ଗ୍ରାମର ମିଥୁନ ଦେହୁରୀଙ୍କୁ ବେଲବଣିଆ ସାହି ଗ୍ରାମର କମୁର ବେହେରା ମାଡ଼ ମାରିଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୯୪/୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ମିଥୁନ କାମ କରୁଥିବାବେଳେ କମୁର ଏକ ବୋତଲ ନେଇ ପେଟ୍ରୋଲ ଆଣିଥିଲେ। ହେଲେ କମ୍ ପେଟ୍ରୋଲ ଦେଇଥିବା କହି ତାଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଲା ଟ୍ରକ୍



ପବିତ୍ରନଗର,୧।୪(ଡି.ଏନ.ଏ.)- କଣିହାଁ ବ୍ଲକ ସମଲ ଥାନା ଗହମ ଶନିମନ୍ଦିର ନିକଟରେ ଶୁକ୍ରବାର ଏକ କୋଇଲା ବୋଝେଇ ଟ୍ରକ୍ (ନଂ. ଓଡି୧୯କେ-୧୫୫୫) ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ରାସ୍ତା କଡରେ ଥିବା ୧୧ କେ.ଭି. ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡ଼ିବାରୁ ଦୀର୍ଘସମୟ ଧରି ବିଦ୍ୟୁତ୍ ସରବରାହରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ଖବରପାଇ ସମଲ ପୋଲିସ ପହଞ୍ଚି ଟ୍ରକ୍ ଜବତ କରିଥିଲା। ଭାଙ୍ଗି ଯାଇଥିବା ବିଦ୍ୟୁତ୍ ଖୁଣ୍ଟ ମରାମତି ପରେ ସନ୍ଧ୍ୟାରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଥିଲା। ଏ ନେଇ ବିଦ୍ୟୁତ ବିଭାଗ ପରାବିଲ ସେକ୍ସନ କନିଷ୍ଠ ଯନ୍ତ୍ରୀ ଥାନାରେ ଅଭିଯୋଗ କରିଥିବା ସୂଚନା ମିଳିଛି।

### କୂଅରେ ପଡ଼ି ଯୁବକ ମୃତ

ଛେଣ୍ଡିପଦା,୧।୪(ସ୍ୱ.ପ୍ର.): ଛେଣ୍ଡିପଦା ଥାନା ବାଗଡିଆ ରଥସାହିରେ କୂଅରେ ପଡି ଜ୍ଞାନରଞ୍ଜନ ପ୍ରଧାନଙ୍କ ମୃତ୍ୟୁ ହୋଇଛି। ଗୁରୁବାର ସନ୍ଧ୍ୟାରେ ଜ୍ଞାନରଞ୍ଜନ ବାଗଡିଆ ବଜାରକୁ ଆସିଥିଲେ। ରାତି ୧୧ଟା ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି ପରେ ତାଙ୍କ ସନ୍ଧାନ ପାଇ ନ ଥିଲେ। ସକାଳ ପର୍ଯ୍ୟନ୍ତ ଜ୍ଞାନ ନ ଫେରିବାରୁ ପରିବାର ଲୋକେ ବାଡିପଟେ ଥିବା କୂଅରେ ପଡିଯାଇଥିବା ସନ୍ଦେହ କରି ଖୋଜିଥିଲେ। ଲୁହା ଅଙ୍କୁଶ ବାଜିବା ପରେ ମୃତଦେହ କୂଅରେ ଭାସିଥିଲା। ଏହାଦେଖି ପରିବାର ଲୋକେ ଅଗ୍ନିଶମ ବାହିନୀଙ୍କୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଜ୍ଞାନଙ୍କ ମୃତଦେହ ଉଦ୍ଧାର କରିଥିଲେ। ବାଗଡିଆ ଫାଣ୍ଡି ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

### ଦୁର୍ଘଟଣାରେ ୨ଗୁରୁତର

ଛେଣ୍ଡିପଦା,୧।୪(ସ୍ୱ.ପ୍ର.): ଛେଣ୍ଡିପଦା ଥାନା ପିପଲବାହାଲ ଛକରେ ଶୁକ୍ରବାର ବୋଲେରୋ ସହ ବାଇକ୍‌ର ମୁହାଁମୁହିଁ ଧକ୍କା ଯୋଗୁ ପିପଲବାହାଲ ଗ୍ରାମର ଭାରତୀ ବେହେରା ଓ ତାଙ୍କ ପୁଅ ରାହୁଲ ବେହେରା ଗୁରୁତର ହୋଇଛନ୍ତି। ବାଇକ୍ ଚାଳକ ଭାଲୁଖାଇଢ଼ିପ ଗ୍ରାମର ହାଡିବନ୍ଧୁ ସାହୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପିଳବାହାଳ ଗ୍ରାମର ଦୁଷ୍ମନ୍ତ ବେହେରାଙ୍କ ସ୍ତ୍ରୀ ଭାରତୀ ଓ ପୁଅ ରାହୁଲଙ୍କୁ ନେଇ ଭାରତୀଙ୍କ ଭାଇ ହାଡିବନ୍ଧୁ ବାଇକ୍‌ରେ ଛେଣ୍ଡିପଦା ଡାକ୍ତରଖାନା ଯାଉଥିଲେ। ତେବେ ପିପଲବାହାଲ ବିନ୍ଦୁ ଗାଡିଆଠାରେ ଖମାରରୁ ପାତ୍ରପଡା ଯାଉଥିବା ବୋଲେରୋ ସହିତ ବାଇକ୍‌ର ଧକ୍କା ହୋଇଥିଲା। ଫଳରେ ଭାରତୀ ଓ ପୁଅ ରାହୁଲ ଛିଟିକି ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକମାନେ ସେମାନଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଭାରତୀଙ୍କ ମୁହଁ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାବେଳେ ରାହୁଲଙ୍କ ଗୋଡ ଭାଙ୍ଗିଯାଇଛି। ଉଭୟଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

# ‘ପ୍ରଗତି ପଥେ ଆଗେଇ ନିଅ’



ରାହଗିରି କାର୍ଯ୍ୟକ୍ରମ ମଞ୍ଚରେ ଉପବାଚସ୍ପତି, ଜିଲାପାଳ, ଜିଲା ପରିଷଦ ସଭାପତି, ଏସ୍‌ପି ଓ ଅନ୍ୟ ଅତିଥିମାନେ।

## ଓଡ଼ିଶା ଦିବସ ଓ ଜିଲା ପ୍ରତିଷ୍ଠା ଦିବସ ପାଳିତ

ଅନୁଗୋଳ ଅଫିସ,୧।୪

ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଓଡ଼ିଶା ଦିବସ ଓ ଜିଲା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ ଯୋଗଦେଇ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମଲ୍ୟାର୍ପଣ କରିଥିଲେ। ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିବା ସହ ରକ୍ତଦାନ ଶିବରକୁ ଉଦ୍‌ଘାଟନ କରିଥିଲେ। ଅପରାହ୍ନରେ ଜିଲା ପରିଷଦ ସମ୍ମିଳନୀ ଗୃହରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି ପ୍ରଧାନ ଯୋଗଦେଇ ବରପୁତ୍ରମାନଙ୍କ ସ୍ମୃତିଚାରଣ କରିବା ସହ ଜିଲାକୁ ପ୍ରଗତି ପଥରେ ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ସମ୍ମାନିତ ବକ୍ତା ଭାବେ ଡ. କୁଳମଣି ନାୟକ, ଅନୁଗୋଳ ପୌରାଧକ୍ଷ ଅକ୍ଷୟ କୁମାର ସାମନ୍ତ, ଅତିରିକ୍ତ ଜିଲାପାଳ(ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦୁଃଖବନ୍ଧୁ ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସକାଳେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଓ ମଧୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଆଜି ବାହାରିବ ମଶାଲ ଶୋଭାଯାତ୍ରା

ଆସନ୍ତା ୮ ତାରିଖରୁ ଆରମ୍ଭ ହେବ ନବମ ଜିଲା ମହୋତ୍ସବ। ଏଥିପାଇଁ ଜୋରଦାର ପ୍ରସ୍ତୁତି ଚଳାଇଛି ଅନୁଗୋଳ ଜିଲା ପ୍ରଶାସନ। ୨ ବର୍ଷ ହେଲା ସାଂସ୍କୃତିକ କାର୍ଯ୍ୟକ୍ରମରୁ ଦୂରେଇ ରହିଥିବା ଜିଲାବାସୀଙ୍କୁ ଏଥର ମତୁଆଲା କରିବା ପାଇଁ ସହରରେ ଲାଗିବ ବଲିଉଡ୍ ତାରକାଙ୍କ ମେଳି। ମହୋତ୍ସବର ତିନିଦିନ ଯାକ ଉଠିବ ପଡ଼ିବ ଷ୍ଟାଡିୟମ୍। ମନୋରଞ୍ଜନର ଭରପୁର ଖୋରାକ୍ ପାଇବେ ଲୋକେ। ଉଦ୍‌ଘାଟନୀ ଦିବସରେ ବଲିଉଡ କଣ୍ଠଶିଳ୍ପୀ ଷ୍ଟେବିନ ସ୍ମିଥ୍ ମୁଖ୍ୟ ଆକର୍ଷଣ ସାଜିବେ। ସେହିପରି ଦ୍ୱିତୀୟ ସନ୍ଧ୍ୟାରେ ମତୁଆଲା କରିବେ ବଲିଉଡ କଣ୍ଠଶିଳ୍ପୀ ସାଚେତ-ପରମ୍ପରା ଯୋଡ଼ି। ତୃତୀୟ ଦିବସ ତଥା ଉଦ୍ୟାପନୀ ସନ୍ଧ୍ୟାରେ ବଲିଉଡ ସିଙ୍ଗର ଆକାଂକ୍ଷା ଶର୍ମା ଆସିବାର କାର୍ଯ୍ୟକ୍ରମ ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଜିଲା ମହୋତ୍ସବ ପାଇଁ ୨ ତାରିଖରୁ ମଶାଲ ଶୋଭଯାତ୍ରା ପାଲଲହଡାର ଖୁଲୁଡି, ଆଠମଲ୍ଲିକର ଦେଉଳଝରି ଓ ଟିକରପଡାର ଶିବ ମନ୍ଦିରରୁ ବାହାରିବ।

## ରାହଗିରିର ମଜା ଉଠାଇଲେ

ଅନୁଗୋଳ ଅଫିସ,୧।୪

ଓଡ଼ିଶା ଦିବସ ଏବଂ ଅନୁଗୋଳ ଜିଲା ପ୍ରତିଷ୍ଠା ଦିବସ ଅବସରରେ ଜିଲା ପ୍ରଶାସନ ପକ୍ଷରୁ ମନୋରଞ୍ଜନ ଏବଂ ସଚେତନତା ଭିତ୍ତିକ ପର୍ବ ରାହଗିରି ଅନୁଷ୍ଠିତ ହୋଇଥିଲା। କରୋନା ଯୋଗୁ ଦୀର୍ଘ ୨ ବର୍ଷ ଧରି ରାହଗିରି ହୋଇ ନ ଥିବାବେଳେ ଶୁକ୍ରବାର ଏହାର ମଜା ଉଠାଇଛନ୍ତି ସହରବାସୀ। ଜଗନ୍ନାଥ ମନ୍ଦିର ରାସ୍ତାରେ ଏହି କାର୍ଯ୍ୟକ୍ରମ ସକାଳ ୬ ଟାରୁ ଆରମ୍ଭ ହୋଇ ୯ଟା ପର୍ଯ୍ୟନ୍ତ ଚାଲିଥିଲା। ଓଡ଼ିଶା ବିଧାନସଭାର ଉପବାଚସ୍ପତି ତଥା ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଏସ୍‌ପି ଜଗମୋହନ ମୀନାଙ୍କ ସମେତ ସମସ୍ତ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ। କୁଳମଣି ନାୟକ ବେଦପାଠ କରିଥିବାବେଳେ ପ୍ରତ୍ୟୁଷା ଅମାନ୍ତ ମଞ୍ଚ ପରିଚାଳନା କରିଥିଲେ। ସମାରୋହରେ ସହରର ବିଭିନ୍ନ ସଙ୍ଗଠନ ପକ୍ଷରୁ ଓଡ଼ିଶୀ, ଲୋକନୃତ୍ୟ, ପେଣ୍ଟିଂ, ଯୋଗ, କିକବକ୍ସିଂ, କରାଟେ ଏବଂ ଟାଇକୋଣ୍ଡୋ, ସ୍କେଟିଂ, ମ୍ୟୁଜିକ, ଜିମ୍ ଆଦି ପ୍ରଦର୍ଶିତ ହୋଇଥିଲା। ଛୁଟି ଦିନ ହୋଇଥିବାରୁ ବିଭିନ୍ନ ବର୍ଗର ଦର୍ଶକ ଏହାକୁ ଉପଭୋଗ କରୁଥିଲେ।



ରାହଗିରି କାର୍ଯ୍ୟକ୍ରମର ମଜା ଉଠାଉଛନ୍ତି ସହରବାସୀ।



ରାସ୍ତା ଉପରେ ଜଣେ କରାଟେ ପ୍ରଶିକ୍ଷାର୍ଥୀ ଜମ୍ପ କରୁଛନ୍ତି।




ରାହଗିରିକୁ ଆସିଥିବା ଯୁବତୀ ଯୁବକମାନେ ସେଲ୍‌ଫି ନେଉଛନ୍ତି। (ଫଟୋ- ବୁବୁ)

## ମହାପୁରୁଷଙ୍କ ତ୍ୟାଗ ଉପରେ ଆଲୋକପାତ

ଅନୁଗୋଳ ଅଫିସ,୧।୪

ଉତ୍କଳ ସମ୍ମିଳନୀ ଅନୁଗୋଳ ଜିଲା ଶାଖା ତରଫରୁ ମଧୁସୂଦନ ପାର୍କଠାରେ ଓଡ଼ିଶା ଦିବସ ପାଳନ କରାଯାଇଛି। ଜିଲା ସମ୍ପାଦକ ଧନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ସରସ୍ୱତୀ ଶିଶୁ ମନ୍ଦିର ଉପାଧ୍ୟକ୍ଷ ଡ. ସିଦ୍ଧନାଥ ସାହୁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ମହାପ୍ରବନ୍ଧକ ପ୍ରଶାନ୍ତ କୁମାର ପାଣି ଏବଂ ସଚ୍ଚିଦାନନ୍ଦ ପାଢ଼ୀ ଯୋଗଦେଇ ମହାପୁରୁଷମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଲିପିକା ମହାପାତ୍ର ବନ୍ଦେ ଉତ୍କଳ ଜନନୀ ପରିବେଷଣ କରିଥିଲେ। ସ୍ୱତନ୍ତ୍ର ପ୍ରଦେଶ ଗଠନରେ ମହାପୁରୁଷମାନଙ୍କ ତ୍ୟାଗ ଓ ପ୍ରଚେଷ୍ଟା ସମ୍ପର୍କରେ ଆଲୋକପାତ କରାଯାଇଥିଲା। କବି ସାନନ୍ଦ ଚନ୍ଦ୍ର ପରିଡା, ସଦସ୍ୟ ଅଧାପକ ସତ୍ୟବାଦୀ ସାହୁ, ନାରାୟଣ ଦାସ, ତ୍ରେତାନନ୍ଦ ସାମନ୍ତ, ଯାଦବ କୁମାର ସାହୁ, ଯୁଗ୍ମ ସମ୍ପାଦକ ଶ୍ରୀକାନ୍ତ କୁମାର ସାହୁ ଉପସ୍ଥିତ ଥିଲେ। ପରେ ସମ୍ମିଳନୀ ସଭାପତି, ସମ୍ପାଦକ ଓ ସଦସ୍ୟମାନେ ଅନୁଗୋଳ ଟାଉନସ୍ଥିତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ଉତ୍କଳ ସମ୍ମିଳନୀ କର୍ମକର୍ତ୍ତାମାନେ।

## କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର

କଣିହାଁ,୧।୪(ଡି.ଏନ.ଏ.)

କଣିହାଁସ୍ଥିତ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ବିଦ୍ୟାଳୟ ପରିସରରେ ଥିବା ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା କରାଯାଇ ବିଜୟୀଙ୍କୁ ଶିକ୍ଷକ ସିଦ୍ଧି ପ୍ରସାଦ ସାହୁଙ୍କ ଦ୍ୱାରା ରଚିତ ପୁସ୍ତକ ଆଜିର ଅନୁଚିନ୍ତା, ସଂଗ୍ରାମ ପଥେ, ରୁପା ଫରୁଆ ଓ ଉତ୍କଳ ସମ୍ମିଳନୀ ଅନୁଗୋଳ ଶାଖା ତରଫରୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଧାନଶିକ୍ଷକ ଦାଶରଥି ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷକ ସିଦ୍ଧି ପ୍ରସାଦ ସାହୁ, ଦିଲୀପ କୁମାର ପ୍ରଧାନ, ଭୀମସେନ ସାମଲ, ଚୌଧୁରୀ ସୁନା, ଅମିତା ଦେହୁରୀ, ଯସ୍ମିନ ପ୍ରଧାନ, ସୁଶାନ୍ତ ନାଥ, ପଙ୍କଜିନୀ ପ୍ରଧାନ, ସନ୍ତୋସିନୀ ସାହୁ ଓ ଶରତ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## କଳା, ସଂସ୍କୃତି ଦେଇଛି ପରିଚୟ

ବଇଣ୍ଡା,୧।୪(ଡି.ଏନ.ଏ.)

ଓଡ଼ିଶାର କଳା ଓ ସଂସ୍କୃତି ପ୍ରଦର୍ଶନ କରି ଅନେକ କଳାକାର ଦେଶ ବିଦେଶରେ ପରିଚୟ ସୃଷ୍ଟି କରିପାରିଛନ୍ତି। ଯେଉଁ ମହାପୁରୁଷମାନଙ୍କ ଉଦ୍ୟମରେ ଏହି ସ୍ୱତନ୍ତ୍ର ଓଡ଼ିଶା ଗଠନ ହୋଇଛି, ସେମାନଙ୍କ ନିକଟରେ ଓଡ଼ିଶାବାସୀ ଚିରଋଣୀ। ଆଠମଲ୍ଲିକ ବ୍ଲକ ସଭାଗୃହ ପରିସରରେ ଶୁକ୍ରବାର ଅନୁଷ୍ଠିତ ଓଡ଼ିଶା ଦିବସ ଅବସରରେ ଅତିଥିମାନେ ଏହା କହିଛନ୍ତି। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା, ମୁଖ୍ୟବକ୍ତା ଭାବେ ରମେଶ ଚନ୍ଦ୍ର ଦାସ, ଅଧାପକ ଆଦିତ୍ୟ ପ୍ରସାଦ ସାହୁ, ତହସିଲଦାର ସୋଫି ସାଇନିକା, ବିଡିଓ ସନ୍ତୋଷ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ସହକାରୀ ଜିଲାପାଳ କୁଳମଣି ଦଳେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି କିଶୋରନଗର ସରକାରୀ ପ୍ରାରମ୍ଭିକ ଶିକ୍ଷକଶିକ୍ଷା ପ୍ରତିଷ୍ଠାନ ପରିସରରେ ଉତ୍କଳ ସମ୍ମିଳନୀ କିଶୋରନଗର ଶାଖା ଓ କଳ୍ପତରୁ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଛି। ଡ. ଅଲେଖ ପ୍ରଧାନଙ୍କ ସଭାପତିତ୍ୱରେ ଅତିଥିଭାବେ ଅବସରପ୍ରାପ୍ତ ପ୍ରଫେସର ନନ୍ଦକିଶୋର ମହାଖୁଡ, ବିରଞ୍ଚି ନାୟକ, ଡ. ଅରୁଣ କୁମାର ପ୍ରଧାନ, ଲକ୍ଷ୍ମଣ ସାହୁ, କୀର୍ତ୍ତନ ବିହାରୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସଂଗ୍ରାମ କେଶରୀ ପୃଷ୍ଟି ସଂଯୋଜନା କରିଥିବାବେଳେ ଜୟକୃଷ୍ଣ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ସର୍ବେଶ୍ୱର ସାହୁ ଧନ୍ୟବାଦ ଦେଇଥିଲେ।



ଆଠମଲ୍ଲିକଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ଡାଲଖାଇ ନୃତ୍ୟଦଳ ଶ୍ରେଷ୍ଠ ବିବେଚିତ

କଣିହାଁ,୧।୪(ଡି.ଏନ.ଏ.)

ଅନୁଗୋଳ ଜିଲା ମହୋତ୍ସବ ଉପଲକ୍ଷେ ଶୁକ୍ରବାର କଣିହାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଲୋକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଡିଓ ନିଶାନ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ବ୍ଲକ କଳାସଂସ୍କୃତି ସଂଘ ଉପସଭାପତି ନବଘନ ସାମଲ ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବରେ ୭ଟି କଳାକାର ଦଳ ଭାଗନେଇଥିଲେ। ବଜ୍ରକୋଟ ପଞ୍ଚାୟତ ଖାଲପାଳ ଗ୍ରାମ ମଣିଶ୍ୱରୀ ଡାଲଖାଇ ନୃତ୍ୟଦଳ ଶ୍ରେଷ୍ଠ ବିବେଚିତ ହୋଇଥିଲା। ତେବେ କାର୍ଯ୍ୟକ୍ରମରେ ନାନା ଅବ୍ୟବସ୍ଥା ନେଇ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ଅସନ୍ତୋଷ ପ୍ରକାଶ କରିବା ସହିତ ତାଗିଦ୍ କରିଥିଲେ। ଏପରି କି ଉତ୍ସବ ଅଧାରୁ ଚେୟାର ଛାଡ଼ି ଚାଲିଯାଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁହାସିନୀ ପ୍ରଧାନ ସହଯୋଗ କରିଥିଲେ। ବିଚାରକ ଭାବେ କଣିହାଁ କଲେଜ ଯୁକ୍ତ ୨ ଅଧ୍ୟକ୍ଷ ଆଲୋକ ପାତ୍ର ଓ ପିଏମ୍ ହାଇସ୍କୁଲର ଯୋଗ ଶିକ୍ଷକ କୁଳମଣି ସାମଲ ଅଂଶଗ୍ରହଣ କରିଥିଲେ।



କଣିହାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଲୋକ ମହୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

## ଗାଡ଼ି ଜବତ, ୪ ଗିରଫ

କଣିହାଁ,୧।୪(ଡି.ଏନ.ଏ.)

କଣିହାଁ ବ୍ଲକ ସମଲ ଥାନା ପୋଲିସ ଲୁହା ସ୍କ୍ରାପ୍ ଚୋରି ଅଭିଯୋଗରେ ଶୁକ୍ରବାର ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଆଇଆଇସି ଲବ ବୋଡ଼ା କହିଛନ୍ତି, ସମଲ ବ୍ୟାରେଜ ଅଞ୍ଚଳରେ ଥିବା ଏକ ପୁରୁଣା ଟ୍ରକ ଯନ୍ତ୍ରାଂଶ ସହିତ ଲୁହା ସାମଗ୍ରୀ କାଟି ପିକ୍‌ଅପ ଭ୍ୟାନରେ ନିଆଯାଉଥିବା ବେଳେ ବଲାଙ୍ଗିଠାରେ ପୋଲିସ ଚଢାଉ କରି କାବୁ କରିଥିଲା। ଏହି ଘଟଣାରେ ବଁଅରପାଳ ଥାନା ଶାଳଗାଡ଼ିଆ ଗ୍ରାମର ହେମନ୍ତ ନାୟକ, ସମଲ ଥାନା ଏକ ଘରିଆ ଗ୍ରାମର ଯାଦବ ନାଏକ, ଟିପୋ ଗ୍ରାମର ବିଷ୍ଣୁ ନାଏକ ଓ ବିକିଶର ଗ୍ରାମର ଗୁଲୁସନ ସାହୁଙ୍କୁ ଗିରଫ କରାଯାଇଛି। ପୋଲିସ ନଂ.୯୬/୨୨ରେ ମାମଲା ରୁଜୁ କର ତଦନ୍ତ ଚଳାଇଛି।

## ୫୨ ୟୁନିଟ୍ ରକ୍ତ ସଂଗ୍ରହ



ଶିବିରରେ ଜଣେ ମହିଳା ରକ୍ତଦାନ କରୁଛନ୍ତି।

ବଇଣ୍ଡା,୧।୪(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ପାଇକସାହି କଲେଜ ପରିସରରେ ୟୁଥ୍ ପାୱାର ଫ୍ରେଣ୍ଡ, ବଜରଙ୍ଗୀ କ୍ଲବ, ମା’ ଲକ୍ଷ୍ମୀ କ୍ଲବ ବଡବର ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ତୋଫାନ ମହାନନ୍ଦିଆ ଏହାକୁ ଉଦ୍‌ଘାଟନ କରିଥିଲେ। ବଇଣ୍ଡା ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା, ରଞ୍ଜନ ସାହୁ, ବାପୁନ ପ୍ରଧାନ, ଶ୍ରୀକାନ୍ତ ସାହୁ, ପାପୁନ ସାହୁ, ବିଶ୍ୱଜିତ ସାଥୁଆ ମହାପାତ୍ର, ଚିକୁନ ପ୍ରଧାନ, ବିକାଶ ଚନ୍ଦ୍ର ସାହୁ, ଯୋଗଦେଇଥିଲେ। ଏଥିରେ ୫୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସା ଅଧିକାରୀ ସୁନୀଲ କୁମାର ପଣ୍ଡା ଯୋଗଦେଇ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

## ପରିବେଶ ସ୍ୱଚ୍ଛ ରଖିବାକୁ ପରାମର୍ଶ

ବଇଣ୍ଡା,୧।୪(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ଛକକୁ ଶୁକ୍ରବାର ବଇଣ୍ଡା କଲେଜ ଏନ୍ଏସ୍ଏସ୍ ଛାତ୍ରୀଛାତ୍ର, ମୋ କଲେଜ ଅଭିଯାନ, ଯୁବ ରେଡକ୍ରସ ପକ୍ଷରୁ ସଫେଇ କରାଯାଇଥିଲା। ପରିବେଶକୁ ସ୍ୱଚ୍ଛ ରଖିବା, ଡଷ୍ଟବିନ୍ ବ୍ୟବହାର ପାଇଁ ଦୋକାନୀଙ୍କୁ ପରାମର୍ଶ ଦିଆଯାଇଥିଲା। ପରେ ରାଜପଥରେ ସୃଷ୍ଟି ହୋଇଥିବା ଗର୍ତ୍ତ ମରାମତି ଓ ମେଡିକାଲ ପରିସର ସଫେଇ କରାଯାଇଥିଲା। ସରପଞ୍ଚ ଦୀପ୍ତିମୟୀ ସାହୁ, କଲେଜ ଅଧକ୍ଷ ସିଦ୍ଧାର୍ଥ କୁମାର ପଣ୍ଡା, ଅଧାପକ କାଳନ୍ଦୀ ଚରଣ ପ୍ରଧାନ, ନିରଞ୍ଜନ ଦାସ, ରବିନାରାୟଣ ବେହେରା, କାଳିଆ ସେଠୀ, ତରଣୀ ସେନ ସାହୁ, ବିଜେଡି ନେତା ପବନା ବେହେରା, ମାନସ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସରପଞ୍ଚ, ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ଗୋଡ଼ିବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ର ଯୋଗ୍ୟ ବିବେଚିତ

ତାଳଚେର,୧।୪(ନି.ପ୍ର.)

ତାଳଚେର ବ୍ଲକ ଗୋଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶାଳୟଙ୍କ ଚିଠିରୁ ଏହି ସୂଚନା ମିଳିଛି। ସ୍ୱାସ୍ଥ୍ୟ ଅନୁଷ୍ଠାନ ଗୁଡ଼ିକର ମାନ ନିର୍ଦ୍ଧାରଣ ନିମନ୍ତେ ହୋଇଥିବା ମୂଲ୍ୟାୟନରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ରାଜ୍ୟସ୍ତରରୁ ପ୍ରକାଶିତ ତାଲିକାରେ ଜିଲାର ଅନ୍ୟ ଅନୁଷ୍ଠାନଠାରୁ ଊର୍ଦ୍ଧ୍ୱରେ ରହିଛି। ପୂର୍ବରୁ ମଧ ଗୋଡ଼ିବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପ ପୁରସ୍କାର ପାଇଥିଲା। ବିଶେଷକରି ସ୍ୱଚ୍ଛତା, ସ୍ୱାସ୍ଥ୍ୟସେବା, ବର୍ଜ୍ୟ ପରିଚାଳନା, ସହାୟକ ସେବା ଆଦି କ୍ଷେତ୍ରରେ ପୂର୍ବଠାରୁ ଏହା ଅଧିକ ଉନ୍ନତି କରିଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସେହିପରି ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଧରମପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର ଜିଲାର ପ୍ରଥମ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର ଭାବେ ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛି। ଏହା ଜଣାପଡ଼ିବା ପରେ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ସତ୍ୟପ୍ରିୟ ସମିତ ସମସ୍ତ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଭୟ ଅନୁଷ୍ଠାନର ମାନ ବୃଦ୍ଧି ନିମନ୍ତେ ପ୍ରୟାସ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି।




ଗୋଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଡାକ୍ତର, କର୍ମଚାରୀମାନେ।

